## ଆଇରନ୍ ବୋଝେଇ ହାଇୱା ଜବତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ଦେଇ ଯାଇଥିବା ମୁମ୍ବାଇ କୋଲକତା ଜାତୀୟ ରାଜପଥରୁ ଶନିବାର ତୁରୁମୁଙ୍ଗା ପୋଲିସ ଏକ ଆଇରନ୍ ବୋଝେଇ ହାଇୱା ଜବତ କରିଛି। ଜାଲ ଟ୍ରାଞ୍ଜିଟ୍ ପାସରେ ଓ ଡି ୦୯ ପି ୭୪୯୪ ନମ୍ବର ବିଶିଷ୍ଟ ୧୬ ଚକିଆ ହାଇୱା ୩୨ ଟନ୍ ଲୁହାପଥର ଚାଲାଣ ହେଉଥିଲା। ରେତୁରୁମୁଙ୍ଗା ପୋଲିସ ଖବର ପାଇ ଚଢ଼ାଉ କରି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକଦିବସୀୟ କର୍ମଶାଳା।ସ୍ଥାନ: ପାମ୍ ଗାର୍ଡେନ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବିଜେଡି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ଦିବସବ୍ୟାପୀ କାର୍ଯ୍ୟକ୍ରମ।
- ସାମୂହିକ ପୂଜାର୍ଚ୍ଚନା, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୭ଟା।
- ସାମୂହିକ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: କଚେରୀ ହତା, ସମୟ: ପୂର୍ବାହ୍ନ ୮ଟା।
- ବୃକ୍ଷରୋପଣ, ସ୍ଥାନ: ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜନ୍ମଦିନ ପାଳନ ସହ ଖାଦ୍ୟ ବିତରଣ, ସ୍ଥାନ: ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**

- ଜୀବନବିନ୍ଦୁ ରକ୍ତଦାନ ଶିବିର, ସ୍ଥାନ: ମନ୍ଦାରୀ କଲେଜ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦୀୟ ସାରସ୍ୱତ ସମାରୋହ ଅବସରରେ ପୁସ୍ତକ ଉନ୍ମୋଚନ।ସ୍ଥାନ: ଭେଡ଼ାନାୟକାଣୀ ପୀଠ ପରିସର, ବାଲିମେଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖପତ୍ର 'ବର୍ଣ୍ଣାଳୀ'ର ଲୋକାର୍ପଣ ସମାରୋହ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**

- କେନ୍ଦ୍ର ସାହିତ୍ୟ ଏକାଡେମୀ', 'ଫକୀରପୁର ସାହିତ୍ୟ ସଂସଦ' ଆନୁକୂଲ୍ୟରେ 'ଗ୍ରାମଲୋକ' କାର୍ଯ୍ୟକ୍ରମ ଓ କବିତା ପାଠୋତ୍ସବ। ସ୍ଥାନ: ସି.ଟି ସ୍କୁଲ୍ ପରିସର, ଫକୀରପୁର। ସମୟ: ସକାଳ ୯ ।

## ୧୭ରେ କେନ୍ଦୁଝର ଆସିବେ ରାଜ୍ୟପାଳ

କେନ୍ଦୁଝର,୧୫।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଗସ୍ତରେ ଆସନ୍ତା ୧୭ ତାରିଖରେ ଆସିବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସେ ପୂର୍ବାହ୍ନ ୧୧.୫୦ ରେ ପହଞ୍ଚି ଦିମ୍ଭୋ ଗ୍ରାମରେ ଥିବା ଜନମଙ୍ଗଳ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମ ପରେ ସର୍କିଟ ହାଉସ୍‌ରେ ରହି ରାଜଭବନ ଫେରିବେ ବୋଲି ଜଣାପଡ଼ିଛି।

## ୨୪ ଟିକିଆ ହାତୀପଲଙ୍କ ଉତ୍ପାତ

### ବ୍ୟାପକ ଧାନ ଫସଲ ନଷ୍ଟ

ପାଟଣା,୧୫।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲ ଉତ୍ପାତ ଖେଳାଇଛନ୍ତି। ହାତୀପଲ ଶୁକ୍ରବାର ରାତିରେ ସ୍ଥାନୀୟ ଗ୍ରାମରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ପଲରେ ୬ ମାଈ, ୯ ଦନ୍ତା ଓ ୯ ଛୁଆହାତୀ ଥିବା ଜଣାପଡ଼ିଛି। ରେଞ୍ଜ ଅଧୀନ ସାହାରପଡ଼ା ସେକ୍ସନ ଉଦୟପୁର ବିଟ୍ ଅଞ୍ଚଳର ଖୁଣ୍ଟାପିଙ୍ଗୁ, ମଲାରପଦା ଗ୍ରାମର ଶିବ ପ୍ରସାଦ ମହାନ୍ତଙ୍କ ଧାନ ଓ ପନିପରିବା ଚାଷ, ରାଜେନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ, ରଞ୍ଜନ ମହାନ୍ତ, ହରେକୃଷ୍ଣ ମହାନ୍ତ, ଅର୍ଜୁନ ମହାନ୍ତ, ପରେଶ ମହାନ୍ତ ଓ ଭକ୍ତ ମହାନ୍ତଙ୍କ ଧାନଚାଷ ନଷ୍ଟ କରିଛନ୍ତି। ପଲ ରାତିରେ ଲୁଙ୍ଗା ନିକଟରେ ଦେଓ ନଦୀ ପାର ହୋଇ ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜକୁ ପ୍ରବେଶ କରିଥିଲେ। ଶନିବାର ଅପରାହ୍ନରେ ପୁଣି ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନକୁ ପ୍ରବେଶ କରିଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି। ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି, ହାତୀପଲଙ୍କ ଗତିବିଧି ଉପରେ ଆମର ନଜର ରହିଛି। ହାତୀ ଘଉଡ଼ାଇବା ପାଇଁ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ପିକଅପ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ନୀଳଗିରି, ୧୫।୧୦(ସ୍ୱ.ପ୍ର.)-ଶନିବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ଇ-୭୨୮୫) ଦ୍ରୁତ ଗତିରେ ୧୯ନଂ. ରାଜ୍ୟ ରାଜପଥ ସେରଗଡ଼-ଉଦଳା ରାସ୍ତାର ନୀଳଗିରି ଅଭିମୁଖେ ଆସୁଥିଲା ବେଳେ ନୀଳଗିରି ନିକଟ ଓଲଡ଼ଙ୍ଗ ଛକଠାରେ ଏକ ସାଇକେଲକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳଗିରି ଏନଏସି ୭ ନମ୍ବର ୱାର୍ଡ଼ ଦାସସାହି ଗ୍ରାମର ବାବୁ ଦାସ। ସେ ସାଇକେଲ ଧରି ରାସ୍ତା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଡ୍ରାଇଭର ଜଣକ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ନିଯୁକ୍ତି ଦାବିରେ ଓଏସ୍‌ଆଇଏଲ ଆଗରେ ଧାରଣା

କେନ୍ଦୁଝର,୧୫।୧୦(ସ୍ୱ.ପ୍ର.)

ବହୁ ବର୍ଷ ଧରି ବନ୍ଦ ରହିଥିବା ସଦର ବ୍ଲକ୍ ପଳାଶପଙ୍ଗା ସ୍ଥିତ ଓଡ଼ିଶା ସ୍ପଞ୍ଜ ଲୁହା କାରଖାନା (ଓଏସ୍ଆଇଏଲ) ପୁଣି ଆରମ୍ଭ ହୋଇଛି। ମାତ୍ର ଆରମ୍ଭରୁ ଆନ୍ଦୋଳନ ମୁଣ୍ଡ ଟେକିଛି। ନିଯୁକ୍ତି ଓ ବିଭିନ୍ନ ଦାବିରେ ଶନିବାର କାରଖାନା ଆଗରେ ସ୍ଥାନୀୟ ପଞ୍ଚାୟତର ଲୋକେ ଧାରଣା ଦେଇଥିଲେ। କାରଖାନା ପରିଚାଳକଙ୍କ ସହିତ ଆଲୋଚନା କ୍ରମେ ଅପରାହ୍ନ ୪ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ଶନିବାର ସକାଳ ୮ଟାରେ ବିଧାୟକ ମୋହନ ମାଝୀଙ୍କ ନେତୃତ୍ୱରେ କାରଖାନା ଫାଟକ ଆଗରେ କ୍ଷତିଗ୍ରସ୍ତ ପଳାଶପଙ୍ଗା, ରାଇକଳା ଓ କଣ୍ଡରାପଶି ପଞ୍ଚାୟତର ଲୋକେ ଧାରଣାରେ ବସିଥିଲେ। କାରଖାନାରେ ୯୦ ପ୍ରତିଶତ (ସ୍କିଲ୍, ସେମିସ୍କିଲ୍‌ଓ ଅନସ୍କିଲ ଚାକିରି)ରେ ପ୍ରଭାବିତ୍ ତିନୋଟି ପଞ୍ଚାୟତର ଯୁବକଙ୍କୁ ନିଯୁକ୍ତି, ଉକ୍ତ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରକାରର ଠିକା, ଲୋଡିଂ ଓ ଅନ୍‌ଲୋଡିଂ ଆଦି କାମ ପ୍ରଦାନ, କାରଖାନା ଦ୍ୱାରା ପରିଚାଳିତ ଗ୍ରୀନ ଫିଲ୍ଡ ସ୍କୁଲ୍‌ରେ +୨ ଖୋଲିବା, କର୍ମଚାରୀଙ୍କ ପରିବାରକୁ ଶିକ୍ଷା, ସ୍ୱାସ୍ଥ୍ୟସେବା। ଏଥିସହ କାରଖାନା ଦ୍ୱାରା ହେବାକୁ ଥିବା ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନେବା ସହ ଏହି ସବୁ ଦାବି ପୂରଣ ପାଇଁ ଗ୍ରାମସଭାରେ ପ୍ରତିଶ୍ରୁତି ଦେବାକୁ ଦାବି କରିଛନ୍ତି ।

ଏ ନେଇ ସ୍ଥାନୀୟ ନେତା ଗଣେଶ୍ୱର ମହାନ୍ତ କହିଛନ୍ତି ଯେ, କାରଖାନାର ମୁଖ୍ୟ ଅନୁପସ୍ଥିତ ଥିବାରୁ କାରଖାନା ପରିଚାଳକ ୫ ଦିନ ସମୟ ମାଗିଛନ୍ତି। ଆମର ଦାବି କମ୍ପାନୀକୁ ଦେଇସାରିଛୁ। ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ। କାରଖାନାର ନିର୍ବାହୀ ନିର୍ଦ୍ଦେଶକ ସଞ୍ଜୀବ କପୁର କହିଛନ୍ତି ଯେ, କାରଖାନାକୁ ଚାଲିବାକୁ ଦିଆଯାଉ। କାରଖାନା ଚାଲିଲେ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସ୍ଥାନୀୟ ଅଞ୍ଚଳର ବିକାଶ ଆଦି ସବୁ ସମାଧାନ ହେବ। ଏବେ ୫୩୦ ଜଣ କାମ କରୁଛନ୍ତି । ସମସ୍ତେ ସ୍ଥାନୀୟ କ୍ଷତିଗ୍ରସ୍ତ ପଞ୍ଚାୟତ ଅଞ୍ଚଳର ଲୋକ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୋଲିସ ଫୋର୍ସ କାରଖାନା ଓ ଆନ୍ଦୋଳନ ସ୍ଥଳରେ ମୁତୟନ ହୋଇଥିଲେ।

ପ୍ରକାଶ ଯେ, ଏକଦା ଏସିଆ ମହାଦେଶର ବୃହତମ ସ୍ପଞ୍ଜ କାରଖାନା ଭାବରେ ପରିଗଣିତ ହୋଇ ଆସିଥିବା ଏହି କାରଖାନା ପ୍ରାୟ ୮ ବର୍ଷ ହେଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। କିଛି ବର୍ଷ ହେଲା ଏହାର ପୁନରୁଦ୍ଧାର କରାଯାଇଥିବା ବେଳେ ଅଗଷ୍ଟ ମାସରୁ କାରଖାନା ଆରମ୍ଭ ହୋଇଛି।


ଧାରଣରତ ସ୍ଥାନୀୟ ଲୋକେ।

# ରାଜ୍ୟପାଳଙ୍କୁ ଭେଟିଲେ କ୍ରୀତିକ୍ରିଷ୍ଟା

ଧାମନଗର,୧୫।୧୦(ସ୍ୱ.ପ୍ର.)

ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚିତ୍ରକଳାରେ ସଫଳତା ପାଇଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନ ଗ୍ରାମର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା(୧୮)। ଏହି ସଫଳତା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଶନିବାର ରାଜଭବନକୁ ଡାକି ଉଚ୍ଚ ପ୍ରଶଂସା କରିବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ଆଶୀର୍ବାଦ କରିଛନ୍ତି। ସେ ପୂର୍ବରୁ ଇଣ୍ଡିଆ ବୁକ୍‌ଅଫ୍‌ରେକର୍ଡ଼ସ, ୱାର୍ଲ୍ଡଜିନିୟସ୍‌ରେକର୍ଡ, ଇଣ୍ଡିଆନ ଆଇକନ ଆୱାର୍ଡ ପାଇଥିବା ଜାଣି ରାଜ୍ୟପାଳ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଆଗକୁ ମଧ୍ୟ ଦେଶ ଓ ରାଜ୍ୟ ପାଇଁ କଳା କ୍ଷେତ୍ରରେ ଗୌରବ ଆଣିବାକୁ ଉତ୍ସାହିତ କରିଥିଲେ। ଏଥିସହ ସାଙ୍ଗରେ ଯାଇଥିବା କ୍ରୀତିକ୍ରିଷ୍ଟାଙ୍କ ସାନଭଉଣୀ ରୀତିକ୍ରିଷ୍ଟା ଗୀତ ଗାଉଥିବା ଜାଣି ରାଜ୍ୟପାଳ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟପାଳ କ୍ରୀତିକ୍ରିଷ୍ଟାଙ୍କୁ ଉପହାର ଦେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କ୍ରୀତିକ୍ରିଷ୍ଟା ମଧ୍ୟ ତାଙ୍କର ଗଣେଶ ଓ ବୁଦ୍ଧଙ୍କ କଳାକୃତିକୁ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ବଉଳନାଳି ଶାସନ ଗ୍ରାମର ଆଇନଜୀବୀ ସ୍ନେହାଶିଷ ପଣ୍ଡାଙ୍କ ଝିଅ କ୍ରୀତିକ୍ରିଷ୍ଟା। ସେ ଯୁକ୍ତ ୨ ବିଜ୍ଞାନରେ ପାସ୍ କରିବା ପରେ ଏବେ ଭଦ୍ରକ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ପ୍ରଥମ ବର୍ଷର ଛାତ୍ରୀ। ସେ ରାଜ୍ୟପାଳଙ୍କୁ ଭେଟିବା ପାଇଁ ଗତ ସେପ୍ଟେମ୍ବରରେ ଆବେଦନ କରିଥିଲେ। ଶୁକ୍ରବାର ରାଜଭବନରୁ ତାଙ୍କୁ ଫୋନ ମାଧ୍ୟମରେ ଡକାଯାଇଥିଲା।


ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା ଆଙ୍କିଥିବା ଚିତ୍ରକୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରୁଛନ୍ତି।

# ସିଡିଏମଓ, ଏଡିଏମ୍‌ଓଙ୍କ ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ନୀଳଗିରି, ୧୫।୧୦(ସ୍ୱ.ପ୍ର.)

ଅସୁରକ୍ଷିତ ଓ ଅବ୍ୟବସ୍ଥା ଭିତରେ ଗତି କରୁଛି ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏଥିସହ ବାରମ୍ବାର ମେଡିକାଲ ପରିସରରୁ ଚୋରି ଘଟଣାକୁ ନେଇ ଶନିବାର ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ଦୁଲାଳସେନ ଜଗଦେବ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଏଡିଏମ୍‌ଓ) ଡା. ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ୍ ଅନୀଲ କୁମାର ମହାନ୍ତି ପରିଦର୍ଶନ କରିଥିଲେ। ଏଥିସହ ରୋଗୀସେବା କିପରି ଚାଲିଛି ସେସବୁର ତଦାରଖ କରିଛନ୍ତି। ପରିଦର୍ଶନ ସମୟରେ ବିଭିନ୍ନ କ୍ଷେତ୍ରରେ ତ୍ରୁଟି ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଦୃଷ୍ଟି ଆକର୍ଷଣ କରିଥିଲେ। ମେଡ଼ିକାଲ ଭିତରେ ଆଲୋକ, ଅନାବନା ଲଟାରେ ଭର୍ତ୍ତି ହୋଇଥିବା ମେଡିକାଲ ଚତୁଃପାର୍ଶ୍ୱକୁ ସଫା କରିବା, ଆୟୁଷ ଡାକ୍ତର, ରାତିରେ ଫାର୍ମାସିଷ୍ଟ ରହିବା ବ୍ୟବସ୍ଥା, ରାତ୍ର ଜଗୁଆଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାର ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ନୀଳଗିରି ବ୍ଲକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ସଜନାଗଡ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୯୮୨ ମସିହା ପରଠାରୁ ୫ଟି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରିଥାନ୍ତି। ପୂର୍ବରୁ ଏଠାରେ ବହୁ ରୋଗୀ ଆସୁଥିବା ବେଳେ ଅବ୍ୟବସ୍ଥା ଯୋଗୁ ଏବେ ପ୍ରତିଦିନ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ଏଠାକୁ ଆସିଥାନ୍ତି। ଆବଶ୍ୟକ ଷ୍ଟାଫ ନ ଥିବାରୁ ଗରିବ ଲୋକେ ଅର୍ଥ ଅଭାବରୁ ଦୂର ସ୍ଥାନକୁ ଯାଇ ନ ପାରି ନିରାଶ ହୋଇ ଫେରୁଛନ୍ତି।


ସିଡିଏମ୍‌ଓ, ଏଡ଼ିଏମଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ଜନ୍ମମାଟିରେ ଆଇଏଏସ୍ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୫।୧୦(ଡି.ଏନ୍.ଏ)

ଦୃଢ଼ ଇଚ୍ଛାଶକ୍ତି ଓ ସାଧନା ଫଳରେ ଜୀବନରେ ସଫଳତା ମିଳିଥାଏ ବୋଲି ଜଳେଶ୍ୱର ମାଟିର ଝିଅ ସର୍ବକନିଷ୍ଠ ଆଇଏଏସ୍ ଅଧିକାରୀ ସିମି କରଣଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ମତପ୍ରକାଶ ପାଇଛି । ୨୦୨୦ ବ୍ୟାଚର ଆଇଏଏସ୍ ଅଧିକାରୀ ସିମି କରଣଙ୍କ ଘର ଜଳେଶ୍ୱର ବ୍ଲକ ସନ୍ତୋଷପୁର ଗ୍ରାମରେ। ସେ ଆସାମରେ କାର୍ଯ୍ୟରତ ଅଛନ୍ତି। ସେ ପ୍ରଥମ କରି ନିଜ ଜନ୍ମମାଟିକୁ ଆସିଥିବା ବେଳେ ଜଳେଶ୍ୱର ପୌରପାଳିକା ସମ୍ମିଳନୀ କକ୍ଷରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ପୌରପାଳ ପ୍ରତୀପ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରି ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେ କହିଥିଲେ ପାଠ ପଢ଼ିବା ବେଳେ ବସ୍ତିବାସିନ୍ଦାଙ୍କ ସେବା କରିବାକୁ ଇଚ୍ଛା ରଖିଥିଲେ, ଏବେ ତାହା ବାସ୍ତବ ରୂପ ନେଇଛି। ପ୍ରଶାସନିକ ସେବା ସହ ଆଇଆଇଟି, ପେଣ୍ଟି, ବକ୍ତୃତା, ନାଚ ଓ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଛନ୍ତି।

ସିମିଙ୍କ ବାପା ଦେବେନ୍ଦ୍ର କରଣ ସମାଜରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଲାଗି ୫୦ଭାଗ ସଂରକ୍ଷଣକୁ ସ୍ୱାଗତ କରି ପୁଅଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖିବା ଉଚିତ୍ ବୋଲି କହିଥିଲେ। ମା' ସୁଜାତା କରଣ ମଧ୍ୟ ଉପସ୍ଥିତ ଥିଲେ। ସଭାରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳା, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ମନ୍ତ୍ରୀ ପ୍ରତିନିଧି ସତ୍ୟଦାସ ମହାପାତ୍ର, ମଧୁସୂଦନ ସେନାପତି, ବିଜୟ କାମିଳା ପ୍ରମୁଖ ଉପସ୍ଥିତ ରହି ସିମି କରଣ ସର୍ବଭାରତୀୟ ସ୍ତରରେ ସର୍ବକନିଷ୍ଠା ଆଇଏଏସ୍ ଭାବେ ଜଳେଶ୍ୱରକୁ ଗୌରବାନ୍ୱିତ କରିଛନ୍ତି ବୋଲି କହିଥିଲେ।

# ଲକ୍ଷ୍ମୀପୂଜା ମେଳାରେ ଖାଦ୍ୟର ମାନ ଯାଞ୍ଚ

ଯୋଡ଼ା,୧୫।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଖାଦ୍ୟ ନିରୀକ୍ଷକ ଜିତେନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଯୋଡ଼ା ଲକ୍ଷ୍ମୀପୂଜା ପଡ଼ିଆରେ ବିଭିନ୍ନ ଖାଦ୍ୟ ଷ୍ଟଲ୍‌ରେ ଚଢ଼ାଉ କରାଯାଇଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଅପମିଶ୍ରଣ ଖାଦ୍ୟପଦାର୍ଥକୁ ନେଇ ଯାଞ୍ଚ କରାଯାଇଥିଲା। ମେଳାରେ ୨୫ରୁ ଊର୍ଦ୍ଧ୍ୱ ଖାଦ୍ୟ ଷ୍ଟଲ୍ ପଡ଼ିଥିବା ବେଳେ ଗୁଣାତ୍ମକ ଖାଦ୍ୟ ପ୍ରଦାନ ନିମନ୍ତେ ଦୋକାନୀଙ୍କୁ ପୌରପାଳିକା ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସମୟରେ ୧୩୦୦ ଟଙ୍କା ଜୋରିମାନା ଆଦାୟ ହୋଇଥିଲା। ଚଢ଼ାଉରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ଫୁଡ୍ ହେଡ୍ କ୍ୱାର୍ଟର ଅଧିକାରୀ ଛବି ନାଏକ, ଯୋଡ଼ା ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ପ୍ରତାପ ନାଏକ, ରାମଚନ୍ଦ୍ର ପାତ୍ର, ଗୋଷ୍ଠୀ ସଂଗଠିକା ପଦ୍ମିନୀ ବେହେରା, ମୋହନ ଚରଣ ବାରିକ, କଳାକର ସା'ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।


ଅଧିକାରୀମାନେ ଖାଦ୍ୟ ଯାଞ୍ଚ କରୁଛନ୍ତି।

# ସର୍ବଭାରତୀୟ ଶିଳ୍ପକଳା ଉତ୍ସବ: ମନ ମୋହିଲା ଓଡ଼ିଶା ହସ୍ତଶିଳ୍ପ

ବାରିପଦା ଅଫିସ,୧୫।୧୦

ସେଣ୍ଟ୍ରାଲ ଦିଲ୍ଲୀର ସମ୍ମାନ ଜନକ ଆଗାଖାନ ହଲରେ ଅନୁଷ୍ଠିତ ସର୍ବଭାରତୀୟ ଶିଳ୍ପକଳା ଉତ୍ସବରେ ରାଜ୍ୟର ମୟୂରଭଞ୍ଜ ଜିଲାର ହସ୍ତଶିଳ୍ପ ସମସ୍ତଙ୍କ ମନ ମୋହିଛି। ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏହାର ନିର୍ଦ୍ଦେଶକ ବିଭୁଦତ୍ତ ଦାସଙ୍କ ନେତୃତ୍ୱ ତଥା ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସହାୟତାରେ ଯାଇଥିବା ବଡ଼ଜାମବଣି ଛଉ ନୃତ୍ୟ ଦଳର ମହିଳା ନୃତ୍ୟ ଶିଳ୍ପୀଙ୍କ ଦାରା ପ୍ରସ୍ତୁତ ୱାର ଡ୍ୟାନ୍ସ ଦିଲ୍ଲୀବାସୀଙ୍କୁ ଚକିତ କରିଥିଲା। ଚଳିତ ବର୍ଷ ଉକ୍ତ ସଂସ୍ଥାର ବରିଷ୍ଠ ସଙ୍ଗଠିକା ସ୍ୱପ୍ନା ଆଚାର୍ଯ୍ୟଙ୍କ ଉଦ୍ୟମ କ୍ରମେ ପ୍ରଥମ ଥର ପାଇଁ ଓଡ଼ିଶାକୁ ମୁଖ୍ୟ ଥିମ ଭାବେ ନିଆ ଯାଇଥିଲା। ଓଡ଼ିଆ ଶିଳ୍ପୀମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପକୁ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ମୟୂରଭଞ୍ଜର ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଆଗ୍ରହ ତଥା ଆର୍ଥିକ ସହାୟତା କ୍ରମେ ଶୁଳିଆପଦା ବ୍ଲକ୍ ବଡ଼ଷୋଳ ସବାଇ ପ୍ରଡ୍ୟୁସର ଗ୍ରୁପ ସବାଇ କ୍ରାଫ୍ଟ, କୁଳିଅଣାର କ୍ରୋ କ୍ରାଫ୍ଟ, ବାରିପଦା ସହରର ପାଲବଣି ସ୍ଥିତ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଗାନିକ ଆଚାର ଓ ମୟୂରଭଞ୍ଜ ଛଉନୃତ୍ୟ ଇତ୍ୟାଦି ସେଠାରେ ପ୍ରଦର୍ଶିତ ହୋଇ ସମସ୍ତଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହା ବ୍ୟତୀତ ବୟନିକା, ପିପିଲିର ଚାନ୍ଦୁଆ, କଟକର ତାରକସି, ରଘୁରାଜପୁରର ତାଳପତ୍ର ପଟ୍ଟଚିତ୍ର ଆଦି ମଧ୍ୟ ଉତ୍ସବରେ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଅନୁଷ୍ଠାନର ସଭାନେତ୍ରୀ ଶିଲା କାକଡେଙ୍କ ପୌରହିତ୍ୟରେ ବିଗତ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଜାତୀୟସ୍ତରର ଉତ୍ସବକୁ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉଦ୍‌ଘାଟନ କରିଥିଲେ। ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଗତ ୯୫ ବର୍ଷ ପୂର୍ବରୁ ୧୯୨୭ ମସିହାରେ ସ୍ଥାପିତ ଅଲ୍ ଇଣ୍ଡିଆ ଓମେନ କନ୍ଫରେନ୍ସ ଦ୍ୱାରା ଏହି ଉତ୍ସବ ଗତ ବାର ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ଏଥିରେ ସମଗ୍ର ଦେଶର ମହିଳା ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ବୟନ ଶିଳ୍ପ ଓ ଚିତ୍ରକଳା ଇତ୍ୟାଦି ଅନେକ ପ୍ରକାରର ଜିନିଷ ପତ୍ର ପ୍ରଦର୍ଶିତ ତଥା ବିକ୍ରି ବଟା ହୋଇଥାଏ।

# ବୃଦ୍ଧାଙ୍କ ବେକରୁ ସୁନାହାର ଝାମ୍ପିନେଲେ

ବେତନଟୀ,୧୫।୧୦(ସ୍ୱ. ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ଉପକଣ୍ଠ ବଙ୍ଗଳାଛକ-ବାହାନଡ଼ା ରାସ୍ତାର ଅପୂର୍ବା ଫ୍ଲାଏଆଶ ଇଟାଭାଟି ନିକଟରୁ ଜଣେ ବୃଦ୍ଧାଙ୍କ ବେକରୁ ଦୁର୍ବୃତ୍ତ ସୁନାହାର ଝାମ୍ପି ନେଇଛନ୍ତି। ଏ ନେଇ ବେତନଟୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ ନୂଆଦିଲ୍ଲୀରେ ଆର୍ମି ଏୟାର ଡିଫେନ୍ସରେ ଚାକିରି କରୁଥିବା ମେଜର ଉମାକାନ୍ତ ମହାନ୍ତଙ୍କ ମା' ରଜନୀ ମହାନ୍ତ ଏବଂ ଧର୍ମପତ୍ନୀ ଚିନ୍ମୟୀ ମହାନ୍ତ ବେତନଟୀରେ ପରିବାର ସହିତ ରୁହନ୍ତି। ରଜନୀ ମହାନ୍ତ ପ୍ରତ୍ୟେକ ଦିନଭଳି ଶୁକ୍ରବାର ସକାଳେ ପ୍ରାତଃଭ୍ରମଣରେ ବହାରିଥିଲେ। ବଙ୍ଗଳାଛକ ବାହାନଡ଼ା ରାସ୍ତାର ଅପୂର୍ବ ଫ୍ଲାୟଆଶ ନିକରେ ଜଣେ ଯୁବକ ସାଇକେଲରେ ଆସି ତାଙ୍କୁ ଠିକଣା ପଚାରିଥିଲେ। ପରେ ତାଙ୍କ ବେକରୁ ୧୪ଗ୍ରାମ ଓଜନର ସୁନାହାରକୁ ଛିଣ୍ଡାଇ ନେଇ ବାହନଡ଼ା ରାସ୍ତାରେ ଫେରାର ହୋଇଯାଇଥିଲେ। ଏ ନେଇ ରଜନୀଙ୍କ ପୁତ୍ରବଧୂ ଚିନ୍ମୟୀ ମହାନ୍ତଙ୍କ ଏତଲା ଆଧାରରେ ପୋଲିସ ନଂ. ୩୦୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିଜ୍ଞାନ ମେଳାରେ ୩୬ ପ୍ରକଳ୍ପ ପ୍ରଦର୍ଶିତ

ବାସୁଦେବପୁର, ୧୫।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ଶିଶୁବିହାର ଶିକ୍ଷାନୁଷ୍ଠାନରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମଠାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୩୬ ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ବିଜ୍ଞାନର ଉପକାରିତା ଓ ଉଦ୍ଭିଦର ଔଷଧୀୟ ଗୁଣକୁ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ତଥା ଅତିଥି ଭାବେ ବିଜ୍ଞାନ ଶିକ୍ଷକ ସମରେନ୍ଦ୍ର ବାରିକ, ବିଜୟ ବେହେରା, ରତ୍ନମଣି ଦାସ ପ୍ରମୁଖ ପ୍ରକଳ୍ପଗୁଡ଼ିକର ମାନ ନିର୍ଦ୍ଧାରଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଭରତ କୁମାର ନାୟକ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

## ସାପ କାମୁଡ଼ିବା ପରେ ରାତିସାରା ଝଡ଼ାଫୁଙ୍କା ଚାଲିଗଲା ବାଳକଙ୍କ ଜୀବନ

ପାଟଣା,୧୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ପଲାପଣଘାଟି ପଞ୍ଚାୟତ ଜାମୁଳେଇ ବେଡ଼ା ଗ୍ରାମରେ ଅନ୍ଧବିଶ୍ୱାସ ପାଇଁ ଚାଲିଗଲା ବାଳକଙ୍କ ଜୀବନ। ସାପ କାମୁଡିବା ପରେ ପରିବାର ଲୋକେ ଉକ୍ତ ବାଳକଙ୍କୁ ମେଡିକାଲ ନ ନେଇ ଝଡ଼ାଫୁଙ୍କା କରିଥିଲେ। ମୃତକ ହେଲେ ଗ୍ରାମର ସାନ ଆର୍ଡ଼ମୁଣ୍ଡାଙ୍କ ୧୦ ବର୍ଷର ପୁଅ ରଞ୍ଜନ। ସେ ଶୁକ୍ରବାର ସନ୍ଧ୍ୟାରେ ଗାଁ ଗଡ଼ିଆରେ ମାଛ ଧରୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ସେ ଜାଣି ନ ପାରି ଘରକୁ ଫେରି ଖାଇ ଶୋଇ ପଡ଼ିଥିଲେ। ରାତିରେ ତାଙ୍କ ପାଟିରୁ ଫେଣ ବାହାରିବାରୁ ସାପ କାମୁଡ଼ିଥିବା ଅନୁମାନ କରି ଘର ଲୋକେ ଗୁଣିଆ ଡାକି ରାତିତମାମ୍ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଶନିବାର ସକାଳେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡିଆଇ ପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଏ ବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ମୋରମ ବୋଝେଇ ୨ ଟ୍ରକ୍ ଜବତ**

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁ ଅଞ୍ଚଳରୁ ୨ ମୋରମ ବୋଝେଇ ଟ୍ରକ୍‌କୁ ଶୁକ୍ରବାର ପୋଲିସ ଜବତ କରିଛି। ଉଦଳା-ବାଲେଶ୍ୱର ରାସ୍ତାର ସାଇଁକୁଳା ନିକଟରେ ରାସ୍ତା କାମରେ ବ୍ୟବହାର ପାଇଁ ଉକ୍ତ ମୋରମ ଯାଉଥିବା କୁଶଳଦା ଫାଣ୍ଡି ପୋଲିସ କହିଛି।

## ସଂକ୍ଷେପରେ

### ମମତା ହେଲେ ଚୂଡ଼ାମଣି ସମିତିସଭ୍ୟା ନିର୍ଦ୍ୱନ୍ଦ୍ୱରେ ଜିତିଲେ

ବାସୁଦେବପୁର, ୧୫।୧୦ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୂଡ଼ାମଣି ପଞ୍ଚାୟତର ସମିତିସଭ୍ୟା ଭାବେ



ବିଜେଡି ସମର୍ଥିତ ପ୍ରାର୍ଥୀ ମମତା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶନିବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାର। କଂଗ୍ରେସ ସମର୍ଥିତ ଦୁଇ ପ୍ରାର୍ଥୀ ପ୍ରଭାତ କୁମାର ବାରିକ ଓ ବଂଶୀଧର ସେଠୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ମମତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ପରିଚାଳନା ଅଧିକାରୀ ତଥା ବିଡିଓ ସତ୍ୟଜିତ ରାଉତ ଘୋଷଣା କରିଥିଲେ। ସରପଞ୍ଚ ଅଗଣୀ ପ୍ରସାଦ ଜେନାଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ମମତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯୋଡ଼ା,୧୫।୧୦(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିଲେଇପଦା ଛକରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାତିରେ ୫୨୦ ନମ୍ବର ଜାତୀୟ ରାଜପଥର ବିଲେଇ ପଦାବଜାର ଶାଶୁମା ହୋଟେଲ ନିକଟରେ ଗାଡ଼ି ଯୁବକଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକଙ୍କ ପରିଚୟ ମିଳି ନ ଥିବା ସୂଚନା ଦେଇଛି।

### ତେଜରାତି ଦୋକାନରୁ ମଦ ଜବତ

କୁଆମରା,୧୪।୧୦(ଡି.ଏନ.ଏ.)- ଖୁଣ୍ଟା ଥାନା ଅଧୀନ ଗଡ଼ିଗାଁ ଗ୍ରାମର ଏକ ତେଜରାତି ଦୋକାନରୁ ଖୁଣ୍ଟା ପୋଲିସ ବିଦେଶୀ ମଦ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଦୋକାନୀ ଗଣେଶ୍ୱର ହାଁସଦାଙ୍କୁ ଗିରଫ କରାଯାଇଛି। ଚଢଉ ସମୟରେ ବିଭିନ୍ନ ବ୍ରାଣ୍ଡର ୩୦ଟି ମଦ ବୋତଲ ଜବତ ହୋଇଥିବା ପୋଲିସ କହିଛି।

### ୧୭ରେ ତହସିଲ କାର୍ଯ୍ୟାଳୟ ଆଗରେ ଗଣଧାରଣା

ସିମୁଳିଆ, ୧୫।୧୦(ଡି.ଏନ.ଏ.)-୩ଦଫା ଦାବି ନେଇ ଆସନ୍ତା ୧୭ତାରିଖରେ ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତର ଶତାଧିକ ଜନସାଧାରଣ ସିମୁଳିଆ ତହସିଲ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ସମିତିସଭ୍ୟ ଗୋପୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି ।

ପ୍ରଶାସନ ପକ୍ଷରୁ ଅନ୍ୟ ପଞ୍ଚାୟତରେ ବସବାସ କରୁଥିବା ବିଭିନ୍ନ ଭୂମିହୀନଙ୍କୁ ଆଣି ମୁରୁଣାରେ ଥଇଥାନ କରିବା ଯୋଜନାକୁ ବିରୋଧ କରାଯାଇଛି । ଏ ସମ୍ପର୍କରେ ଗତ ୩୦।୯।୨୨ରେ ତହସିଲଦାରଙ୍କୁ ଲିଖିତ ଦିଆଯାଇଥିବା ସମିତିସଭ୍ୟ ସୂଚନା ଦେଇଛନ୍ତି। ଏହି ଯୋଜନାକୁ ବନ୍ଦ କରିବା ସହିତ ମୁରୁଣା ପଞ୍ଚାୟତରେ ପୂର୍ବରୁ ବସବାସ କରୁଥିବା ଓ ଆବେଦନ କରିଥିବା ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ କରିବା ସମ୍ପର୍କରେ ଦାବି ହୋଇଛି।

# ପଦାରେ ପଡ଼ିଲା ଭାଜପାର ଗୋଷ୍ଠୀ କନ୍ଦଳ

## ପୂର୍ବତନ ଜିଲା ସଭାପତିଙ୍କୁ ଆକ୍ରମଣ

କେନ୍ଦୁଝର,୧୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭାଜପାରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଏବେ ପଦାରେ ପଡ଼ିଛି। ଶୁକ୍ରବାର କେନ୍ଦୁଝର ଲୋକ ସଭା ମଣ୍ଡଳୀର ସମୀକ୍ଷା ବୈଠକରେ ବର୍ତ୍ତମାନର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତଙ୍କୁ ଆକ୍ରମଣ କରିବା ଘଟଣା ବିବାଦ ଲୋକଲୋଚନକୁ ଆସିଛି। କେନ୍ଦୁଝର ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ସଞ୍ଜୀବ ମହାନ୍ତି ଓ ସଂଯୋଜକ ଶୁକଦେବ ମହାନ୍ତଙ୍କ ଉପସ୍ଥିତିରେ ଘଟଣା ଘଟିଥିବାରୁ ଏହି ବାର୍ତ୍ତା ରାଜ୍ୟ ଓ କେନ୍ଦ୍ର ସଂଗଠନରେ ପହଞ୍ଚିଛି।



ମେଡିକାଲରେ ପୂର୍ବତନ ଭାଜପା ଜିଲା ସଭାପତି।

ସମୀକ୍ଷା ବୈଠକରେ କେନ୍ଦୁଝର ଲୋକ ସଭାର ୭ ବିଧାନସଭାର ବିଧାୟକ ପ୍ରାର୍ଥୀ, ପ୍ରଭାରୀ ଓ ସଂଯୋଜକମାନେ ଉପସ୍ଥିତ ଥିଲେ। ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ, ପ୍ରଭାରୀ ଓ ସଂଯୋଜକଙ୍କୁ କାହିଁକି ଡକାଗଲା ନାହିଁ ବୋଲି ଲୋକ ସଭା ପ୍ରଭାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ବିନା ରାଜ୍ୟ ଅନୁମୋଦନରେ ମଣ୍ଡଳ ସଭାପତି ପରିବର୍ତ୍ତନ କରାଯିବା ଏବଂ ଏ ନେଇ କାହିଁକି ସମସ୍ତଙ୍କୁ ଅବଗତ କରାଗଲା ନାହିଁ ବୋଲି ପୂର୍ବତନ ସଭାପତି ରାଧାକାନ୍ତ ପ୍ରଶ୍ନ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସଭାପତି ଅଂଶୁମାନ ସବୁଜ ତାଙ୍କ ଉପରକୁ ମୋବାଇଲ ଫିଙ୍ଗିବା ସହ ଗାଳିଗୁଲଜ କରିଥିଲେ। ରାଧାକାନ୍ତ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେବାକୁ ପଡ଼ିଥିଲା। ଘଟଣା ନେଇ ରାଧାକାନ୍ତ ଥାନାକୁ ଯାଇ ନ ଥିବା ବେଳେ ତାଙ୍କ ଉପରକୁ ମୋବାଇଲ ଫିଙ୍ଗାଯାଇଥିବା କଥା ସ୍ୱୀକାର କରିଛନ୍ତି। ପୁରୁଣା ନେତା ଓ କର୍ମୀଙ୍କୁ ପ୍ରାଧାନ୍ୟ ଦିଆ ନ ଯିବାକୁ ନେଇ ଭାଜପାରେ ପୁଞ୍ଜୀଭୂତ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ଓ କେନ୍ଦ୍ର ସଂଗଠନ ଗୁରୁତ୍ୱ ନ ଦେଲେ ଦଳର ସ୍ଥିତି ଦୁର୍ବଳ ହୋଇ ୨୦୨୪ ନିର୍ବାଚନରେ ଜିଲାରେ ଭାଜପା ଶୂନ ହୋଇଯିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଏନେଇ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି ଯେ, ଘଟଣା ସେଭଳି ନୁହେଁ । ସାମାନ୍ୟ ଘଟଣାକୁ ବଡ଼ କରାଯାଉଛି। ତେବେ ଘଟଣା ଯାହା ହେଉନା କାହିଁକି ଏହି ଘଟଣା ରାଜ୍ୟ ଓ କେନ୍ଦ୍ର ଦଳୀୟ ନେତୃତ୍ୱ ପାଖରେ ପହଞ୍ଚି ସାରିଛି। ଆସନ୍ତା ମାସରେ କେନ୍ଦୁଝର ଦାୟିତ୍ୱରେ ଥିବା କେନ୍ଦ୍ର ଆଦିବାସୀ ସମ୍ପର୍କ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଜିଲା ଗସ୍ତରେ ଆସୁଥିବାରୁ ତା' ପୂର୍ବରୁ ଏହି ବିବାଦ ସମାଧାନ ନ ହେଲେ ନିଶ୍ଚିତ ଭାବରେ ସମସ୍ୟା ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

# ଗୋବିନ୍ଦପୁରରେ ପଦଯାତ୍ରା, ଆଦର୍ଶ ଗ୍ରାମର ଶିଳାନ୍ୟାସ




ଗୋବିନ୍ଦପୁରରେ ଆୟୋଜିତ ପଦଯାତ୍ରା।

ଖଇରା, ୧୫।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ପଦଯାତ୍ରା ସାଙ୍ଗକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ନରମା ଗ୍ରାମରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରି ନରମା ଗ୍ରାମରେ ପହଞ୍ଚିଥିଲା । ଭିତ୍ତିପ୍ରସ୍ତର ସ୍ଥାପନ ପରେ ବାରୁଆ ବାସୁଳୀ ମନ୍ଦିର ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେବା ଅବସରରେ ଓଡିଶାର ବିକାଶ ପାଇଁ ନବୀନ ପଟ୍ଟନାୟକ ଓଡିଆଙ୍କ ମଉଡମଣି ସାଜିଛନ୍ତି । କୃଷି କୃଷକଙ୍କ ଆୟ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷି କର୍ମଣ ପୁରସ୍କାର ସାଙ୍ଗକୁ ନିକଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଠିକ ପରିଚାଳନା ପାଇଁ ପ୍ରଶଂସିତ ହୋଇଛନ୍ତି ବୋଲି କହିଥିଲେ। ମହିଳା ସଭାପତି ଜୟନ୍ତୀ ମହଲା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ରଶ୍ମିବାଳା ବେହେରା, ସମିତିସଭ୍ୟା ପାର୍ବତୀ ବାରିକ, ଗୋବିନ୍ଦପୁର ସମବାୟ ସମିତି ବୋର୍ଡ ସଭାପତି ରବୀନ୍ଦ୍ର କୁମାର ବେହେରା, ପଞ୍ଚାୟତ ଯୁବ ବିଜେଡି ସଭାପତି ପପୁ ବାରିକ, ପଞ୍ଚାୟତ ନେତ୍ରୀ ସସ୍ମିତା ପାତ୍ର, ନାଏବ ସରପଞ୍ଚ ସୁରେନ୍ଦ୍ର ଭୋଡ, ଔପଦା ବ୍ଲକ ସଭାପତି ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡ. ଏପିଜେ ଅବଦୁଲ କଲାମଙ୍କର ଜୟନ୍ତୀ



ଡ. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବାଲେଶ୍ୱର ଅଫିସ, ୧୫।୧୦

ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଶନିବାର ଡ. ଏପିଜେ ଅବଦୁଲ କାଲାମଙ୍କର ଜୟନ୍ତୀ ପାଳିତ ହୋଇଛି। ବିଜେଡି ବାଲେଶ୍ୱର ନିର୍ବାଚନମଣ୍ଡଳୀ ପକ୍ଷରୁ ସହର ଷ୍ଟେସନ ଛକରେ ଥିବା ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. କାଲାମଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମିଜାଇଲମ୍ୟାନଙ୍କର ବାଲେଶ୍ୱର ସହିତ ଥିବା ସ୍ମୃତିକୁ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଉପନଗରପାଳ ମନୋଜ ରାଉତ, କାଉନସିଲର ମୀନା ମହାନ୍ତି, ଶୋଭା ମହାପାତ୍ର, କାର୍ତ୍ତିକ ସାହୁ, ସବିତାରାଣୀ ଦାସ, ସେକ୍ ଆୟୁବ, ପୂର୍ବତନ କାଉନସିଲର ସାକିର ଖାନ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ବିଜେଡି ଜିଲା ଏସିସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ, ଜୋନାଲ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଧୀରେନ ନାୟକ, ସଦର ବିଜେଡି ଯୁବ ସଭାପତି ସେକ ଅନସର, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏବିଭିପି ବାଲେଶ୍ୱର ପକ୍ଷରୁ ସହର ଷ୍ଟେସନ ଛକରେ ଥିବା ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସତ୍ୟମ ଦାସ, ଈପ୍‌ସିତ ରଥ, ରାହୁଲ ଦାସ, ପବିତ୍ର ନାୟକ, ହିତେଶ କୁମାର ଦାସ, ମନୋଜ କୁମାର ପଣ୍ଡା, ନିତେଶ କୁମାର ଦାସ, ସତ୍ୟମ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଦେଶୀ ବନ୍ଧୁକ ଜବତ, ୨ ଶିକାରୀ ଗିରଫ

କୁଆମରା,୧୫।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଢୁକୁରା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଛି। ଅଭିଯୁକ୍ତ ଦୟ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ଜୁରାଡ଼ିହି ଗ୍ରାମର ନନ୍ଦ ସିଂ ଓ ଭୀମ ସିଂ। ଦୁଇ ଯୁବକ ଶିମିଳିପାଳ ଭିତରେ ପଶି ଦୀର୍ଘ ଦିନ ହେବ ବେଆଇନ ଭାବେ ଜୀବଜନ୍ତୁ ଶିକାର କରୁଥିବାର ଅଭିଯୋଗ ହୋଇ ଆସୁଥିଲା। ଦୁଇ ଯୁବକ ଶୁକ୍ରବାର ବନ୍ଧୁକ ଧରି ଶିକାର କରିବା ଉଦ୍ଦେଶ୍ୟରେ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ। ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ କରାଯାଇଥିବା ଢୁକୁରା ରେଞ୍ଜର ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଏ ନେଇ ବନବିଭାଗ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଜବତ ବନ୍ଧୁକ ଥାନାରେ ଜିମା ଦିଆଯାଇଛି। ପୋଲିସ ବେଆଇନ ଅସ୍ତ୍ର କାରବାର ଓ ଅପରାଧ ମୂଳକ କାର୍ଯ୍ୟକଳାପ ନେଇ ଅନ୍ୟ ଏକ ମାମଲା ରୁଜୁ କରିଛି।

# ଜଳମଣ୍ଡୁଆରେ ଜନସମ୍ପର୍କ ପଦଯାତ୍ରା

ଭଣ୍ଡାରିପୋଖରୀ,୧୫।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ପଦଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ନୂତନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଦଳୀୟ ନେତୃତ୍ୱମାନେ ଲୋକଙ୍କୁ ଅବଗତ କରାଇଥିଲେ। ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମିତିସଭ୍ୟ ଜଗତ ଜୀବନ ବାରିକ, ପଞ୍ଚାୟତ ବିଜେଡି ସଭାପତି ଅରୁଣ ବାରିକ, ଯୁବନେତା ସୁଶାନ୍ତ ରାଉତ, ଦେବେନ୍ଦ୍ର ଦାସ ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ। ପଞ୍ଚାୟତ ଅଧୀନ ସମସ୍ତ ଗାଁର ଛାମୁଆ କର୍ମୀମାନେ ପଦଯାତ୍ରାରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ।

# 'ଗୁରୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'



ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୧୫।୧୦

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ସୁଷମା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଝାଡେଶ୍ୱର ଭୂୟାଁ, ସମ୍ମାନିତ ଅତିଥି ଏବିଇଓ ପଦ୍ମଲୋଚନ ଦାସ, ମୁଖ୍ୟବକ୍ତା ଭାବେ ସ୍କୁଲର ପ୍ରତିଷ୍ଠାତା ତଥା ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଭୂୟାଁ ଓ ପୂର୍ବତନ ସମ୍ପାଦକ ଭବେଶ ଚନ୍ଦ୍ର ସାହୁ ଯୋଗଦେଇ ବିଦାୟୀ ଗୁରୁଜୀ ବ୍ରଜବନ୍ଧୁ ଆଚାର୍ଯ୍ୟଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅନନ୍ୟ ବିଦ୍ୱାଣୀ ଭାବେ ଶିଶୁମନ୍ଦିର ଗଢ଼ି ତୋଳିବାରେ ବ୍ରଜବନ୍ଧୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିଶୁମନ୍ଦିର ଛାତ୍ରୀଛାତ୍ର ଗୁରୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀଙ୍କ ଦ୍ୱାରା ଭାବପୂର୍ଣ୍ଣ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ବିଦାୟୀ ଶିକ୍ଷକ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଆଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମିତିର ସହ ସମ୍ପାଦକ ଦିଲୀପ କୁମାର ନାୟକ, କୋଷାଧ୍ୟକ୍ଷ ରଣଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ପ୍ରତିବାଦ

ଉଦଳା, ୧୫।୧୦(ଡି.ଏନ.ଏ.)

ଉଦଳା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରତିବାଦରେ ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା କପ୍ତିପଦା ଉପଖଣ୍ଡ କମିଟି ପକ୍ଷରୁ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଡାକ୍ତରଖାନା ଉପରେ ଉଦଳା ଉପଖଣ୍ଡ ଏବଂ ବାଲେଶ୍ୱର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀ ନିର୍ଭର କରନ୍ତି। ପ୍ରଶାସନିକ ଓ ରାଜନୈତିକ ଅବହେଳା ଯୋଗୁ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ମୁକ୍ତିମୋର୍ଚ୍ଚା ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ଡାକ୍ତର ଅଭାବ ସହ ଡାକ୍ତର ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ଡ୍ୟୁଟି ଟାଇମ୍‌ରେ ବେସରକାରୀ କ୍ଲିନିକରେ ବସୁଛନ୍ତି। ଡାକ୍ତରଖାନାରେ ଥିବା ଇସିଜି, ଅଲଟ୍ରାସାଉଣ୍ଡ୍ ମେଶିନ ଆଦିର ଅପେରେଟର ନାହାନ୍ତି। ଫଳରେ ଏହା ରୋଗୀମାନଙ୍କ କାମରେ ଲାଗିପାରୁନାହିଁ। ରୋଗୀଙ୍କୁ ସେବା ଯୋଗାଇବାରେ ନାନା ସମସ୍ୟା ହେଉଥିବା ବେଳେ ତୁରନ୍ତ ସମାଧାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୭ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଙ୍ଗଠନର ଜିଲ୍ଲା ସଭାପତି ଧରମରାଜ ହାଁସଦା ଚେତାବନୀ ଦେଇଛନ୍ତି। ଉପଖଣ୍ଡ ଉପସଭାପତି ଶିବ ହାଁସଦା, ଉଦଳା ବ୍ଲକ ସଭାପତି ସିର୍ଜନ କିସ୍କୁ, କପ୍ତିପଦା ବ୍ଲକ ସଭାପତି ଶିବ କିସ୍କୁ, ମାହା କିସ୍କୁ, ଲକ୍ଷ୍ମଣ ମାରାଣ୍ଡି, ଦୁଃଖିଆ ମାରାଣ୍ଡି, ମଧୁ ମୁର୍ମୁ, ଚନ୍ଦନ ମାରାଣ୍ଡି, ସୁନାରାମ ମାରାଣ୍ଡି, ଶ୍ୟାମସୁନ୍ଦର ବାସ୍କେ, ଆନନ୍ଦ ମାରାଣ୍ଡି, ସିପୁନ ସୋରେନ, ଅର୍ଜୁନ ସିଂ, ତପନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ରୂପସା, ୧୫।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ପଦ୍ମପୁର ଗ୍ରାମର ଅଜିତ ବେହେରାଙ୍କ ଅଢ଼େଇ ବର୍ଷର ଶିଶୁକନ୍ୟା ମୌସୁମୀ ଶନିବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଖେଳୁଥିବା ବେଳେ ଅସାବଧାନତା ଯୋଗୁ ସ୍ଥାନୀୟ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ପାଖ ପୋଖରୀରେ ଭାସୁଥିବା ଦେଖିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# 'ଆଧ୍ୟାତ୍ମିକ ଉତ୍ସବ ଆତ୍ମାକୁ ଶୁଦ୍ଧ କରିଥାଏ'

## ସରିଲା ଗଜଲକ୍ଷ୍ମୀ ପୂଜା ମହୋତ୍ସବ

ଭଣ୍ଡାରିପୋଖରୀ, ୧୫।୧୦ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ବୈଦିକ ବିଧିମତେ ଆୟୋଜିତ ଆଧ୍ୟାତ୍ମିକ ଉତ୍ସବ ମଣିଷର ଆତ୍ମାକୁ ଶୁଦ୍ଧ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବଜାର କମିଟି ସମ୍ପାଦକ ତଥା ଖବରଦାତା ରାଜେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ବିଧାୟକ ସାମଲଙ୍କ ସହ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ନିମନ୍ତ୍ରିତ ଅତିଥି ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଖବରଦାତା ରବିନାରାୟଣ ଖିଲାର ଏବଂ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନମିତା ପରିଡ଼ା, ସମିତିସଭ୍ୟା ରିତାଞ୍ଜଳି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଅମୂଲ୍ୟ ନାୟକ, ଖବରଦାତା ସନ୍ତୋଷ ଦାସ, ସମିତି ସଭାପତି ମୁକୁନ୍ଦ ମଲ୍ଲିକ, ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଘରୋଇ ସ୍ୱାସ୍ଥ୍ୟକର୍ମୀ ନିମାଇଁ ଚରଣ ଦାସ ଓ ସଫଳ ବ୍ୟବସାୟୀ ଉପେନ୍ଦ୍ର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜାର କମିଟି ସଭାପତି କମଳାକାନ୍ତ ସାମଲ ଆଭିମୁଖ୍ୟ ପ୍ରଦାନ ଓ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି।

# ଭୋକ ଉପାସରେ ଧାରଣା ଦେଲେ ବୋହୂ

## ଯୌତୁକ ପାଇଁ ବାହାର କରିଦେଲେ

ବାଲେଶ୍ୱର ଅଫିସ, ୧୫।୧୦

ଗଞ୍ଜାମ ପରେ ବାଲେଶ୍ୱର ଜିଲାର ଜଣେ ନବବଧୂ ଶ୍ୱଶୁର ଘରକୁ ପ୍ରବେଶ ନେଇ ରାତି ସାରା ଗେଟ୍ ସମ୍ମୁଖରେ ଧାରଣା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସହଦେବଖୁଣ୍ଟା ଥାନା ଅଧୀନ ରାଣୀପାଟଣା ବ୍ୟାଙ୍କ କଲୋନୀରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ଫଳରେ ସେ ଗେଟ୍ ସମ୍ମୁଖରେ ଶୁକ୍ରବାର ରାତି ୧୧ଟାଠାରୁ ଅଦ୍ୟାବଧି ନ ଖାଇ ନ ପିଇ ବସି ରହିଛନ୍ତି।

ବ୍ୟାଙ୍କ କଲୋନୀର ରାଜେନ୍ଦ୍ର ଗୁପ୍ତା ନାମକ ଯୁବକ ୟୁପି ବଲିଆ ଅଞ୍ଚଳର ସାଲିନୀ ଗୁପ୍ତାଙ୍କୁ ଗତ ଜାନୁଆରୀ ୨୩ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଦେଢ଼ମାସ ମଧ୍ୟରେ ଅଧିକ ଯୌତୁକ ଦାବି କରି ଶ୍ୱଶୁରଘର ଲୋକେ ସାଲିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ କିଛିଦିନ ତଳେ ସାଲିନୀଙ୍କୁ ତାଙ୍କର କୋଲକାତାରେ ରହୁଥିବା ଭାଇ ଘରକୁ ବୁଲିବା ପାଇଁ ପଠାଇଥିଲେ। ୧୦ଦିନ ରହିବା ପରେ ସାଲିନୀ ଶ୍ୱଶୁର ଘରକୁ ବାହାରିବାରୁ ତାଙ୍କୁ ସ୍ୱାମୀ ଓ ଶାଶୁ ଆସିବା ପାଇଁ ମୋବାଇଲରେ ମନା କରିଥିଲେ। ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସାଲିନୀ ଗତ ଶୁକ୍ରବାର ତାଙ୍କର ମା'ବାପାଙ୍କ ସହ ବାଲେଶ୍ୱର ଆସି ଘଟଣା ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଉଭୟ ପକ୍ଷଙ୍କୁ ଡକାଯାଇ ଘଟଣାରେ ବୁଝାଶୁଝା କରିବା ପରେ ବୋହୂଙ୍କୁ ଶ୍ୱଶୁର ଘରକୁ ନେବା ପାଇଁ କହି ପଠାଇ ଦେଇଥିଲେ। ଥାନାରୁ ଆସିବା ପରେ ଶ୍ୱଶୁର ଘର ଲୋକେ ଗେଟ୍‌ରେ ତାଲା ପକାଇ ଫେରାର ହୋଇଯାଇଥିଲେ। ସାଲିନୀ ଘରକୁ ପ୍ରବେଶ କରିବା ପାଇଁ ରାତି ସାରା ଗେଟ୍ ସମ୍ମୁଖରେ ବସିଥିଲେ। କଲୋନୀବାସୀ ରାତିରେ ଏକୁଟିଆ ମହିଳା ରାସ୍ତାରେ ବସିବା ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ ଜଣେ ମହିଳା କନଷ୍ଟେବଲଙ୍କୁ ତାଙ୍କ ପାଖରେ ନିଯୁକ୍ତ କରିଛନ୍ତି। ଧୀରେ ଧୀରେ ଘଟଣା ଜାଣିବା ପରେ ନାରୀ ସଂଘ ଓ ମହିଳା କମିଶନ ସଦସ୍ୟ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ସହ ସମାଧାନ ନିମନ୍ତେ ଚେଷ୍ଟା କରିଛନ୍ତି। ପଡ଼ୋଶୀମାନେ ସାଲିନୀଙ୍କୁ ଖାଇବା ପାଇଁ ଦେଇଥିଲେ ମଧ୍ୟ ସେ ଖାଇ ନ ଥିଲେ। ଅନ୍ୟପକ୍ଷରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଶ୍ୱଶୁର ଘର ସମ୍ମୁଖରେ ଧାରଣା ଦେଇଥିବା ବୋହୂ।

